# ରାଧାନାଥ ରାୟଙ୍କ ଜୀବନୀ

କବିବର ରାଧାନାଥ ରାୟ ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ବିଶିଷ୍ଟ କବି। ନଅଙ୍କ ଦୁର୍ଭିକ୍ଷ(୧୮୬୬) ପରେ ପାଶ୍ଚାତ୍ୟ ଶିକ୍ଷା-ସାହିତ୍ୟ-ସଂସ୍କୃତିର ଅନୁପ୍ରେରଣାରେ ଓଡ଼ିଆ ସାହିତ୍ୟରେ ଯେଉଁ ନବ ଯୁଗର ଆବିର୍ଭାବ ଘଟିଥିଲା, ରାଧାନାଥ ଥିଲେ ସେହି ନବଯୁଗର ଆଦ୍ୟ ସ୍ରଷ୍ଟା। ୧୮୪୮ ମସିହା ସେପ୍ଟେମ୍ବର ୨୮ ତାରିଖରେ ବାଲେଶ୍ୱର ଜିଲ୍ଲା ସୋର ପାଖ କେଦାରପୁର ଗ୍ରାମରେ ରାଧାନାଥଙ୍କର ଜନ୍ମ। ପିଲାଟି ବେଳୁ ଶାରୀରିକ ଭାବେ ଅତ୍ୟନ୍ତ ଦୁର୍ବଳ ଥିଲେ ରାଧାନାଥ। ବାଲ୍ୟ କାଳରୁ ହିଁ ସେ ତାଙ୍କ ମା' ଙ୍କୁ ହରାଇଥିଲେ। ଶାରୀରିକ ଅସୁସ୍ଥତା ତାଙ୍କ ପାଠପଢ଼ାର ଇଚ୍ଛାକୁ କେବେ ଅଟକାଇ ପାରିନଥିଲା। ରାଧାନାଥ ସେ ସମୟରେ ଏଣ୍ଟ୍ରାନ୍ସ ପାସ୍ କରିଥିଲେ। ତତ୍କାଳୀନ ପରିପ୍ରେକ୍ଷୀରେ ତାହା ହିଁ ଥିଲା ସର୍ବୋଚ୍ଚ ଶିକ୍ଷା। ରାଧନାଥଙ୍କର ବ୍ୟୁତ୍ପତ୍ତି ଯଥାର୍ଥରେ ଥିଲା ଅସାଧାରଣ। ଶିକ୍ଷା ବିଭାଗରେ ଜଣେ ଶିକ୍ଷକ ଭାବେ ଯୋଗଦେଇ ଜୀବନ କାଳ ଭିତରେ ସେ ସଂପୃକ୍ତ ବିଭାଗର ସର୍ବୋଚ୍ଚ ପଦକୁ ଉନ୍ନୀତ ହୋଇଥିଲେ। ସେ ପ୍ରଥମେ ବଙ୍ଗଳାରେ ସାହିତ୍ୟ ସାଧନା ଆରମ୍ଭ କରିଥିଲେ। ପରେ ବିଶିଷ୍ଟ ଶିକ୍ଷାବିତ୍ ଭୂଦେବ ମୁଖୋପାଧ୍ୟାୟଙ୍କ ପରାମର୍ଶ କ୍ରମେ ସେ ବଙ୍ଗଳା ଛାଡ଼ି ଓଡ଼ିଆ ଭାଷାକୁ ନିଜର ଭାବପ୍ରକାଶର ମାଧ୍ୟମଭାବେ ଗ୍ରହଣ କରିଥିଲେ। ବିଶିଷ୍ଟ ସମାଲୋଚକ ଡକ୍ଟର ନଟବର ସାମନ୍ତରାୟଙ୍କ ଭାଷାରେ ସେ ଥିଲେ,'ଯୁଗ ପ୍ରବର୍ତ୍ତକ ସ୍ରଷ୍ଟା ରାଧାନାଥ' । ଏପରି କୁହାଯିବାର ଯଥାର୍ଥତା ହେଉଛି ରାଧାନାଥ ଓଡ଼ିଆ ସାହିତ୍ୟରେ ନବଜାଗରଣ ଆଣିଥିଲେ। ପାଶ୍ଚାତ୍ୟ ସାହିତ୍ୟ ସହ ଓଡ଼ିଆ ସାହିତ୍ୟର ମହାମିଳନ କରାଇଥିଲେ ରାଧାନାଥ।

ରୋମାଣ୍ଟିକ୍, ମିଥ୍, ଟ୍ରାଜେଡି ଭଳି ପାଶ୍ଚାତ୍ୟ ସାହିତ୍ୟର ଅଂଶକୁ ନେଇ ଓଡ଼ିଆ ସାହିତ୍ୟ ରଚନାରେ ସେ କରିପାରିଥିଲେ ମୂଳମନ୍ତ୍ର। ଓଡ଼ିଆ ଗଦ୍ୟରେ 'ବିବେକୀ' ଲେଖି ସେ ଯଶସ୍ୱୀ ହୋଇଛନ୍ତି। 'ବିବେକୀ' କୁ ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରବନ୍ଧ ବୋଲି କୁହାଯାଏ। କବିବର ରାଧାନାଥ ରାୟ ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ଅନନ୍ୟ ପ୍ରତିଭା। ଓଡ଼ିଆ ଭାଷା ସାହିତ୍ୟର ଅଭିବୃଦ୍ଧି ଓ ପ୍ରସାର କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ସମଗ୍ର ଓଡ଼ିଆ ଜାତି ତାଙ୍କ ପ୍ରତି କୃତଜ୍ଞ ରହିଥିବ। ଓଡ଼ିଆ ପାଠ୍ୟ ପୁସ୍ତକ ପ୍ରଣୟନ କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ। ମଧ୍ୟଯୁଗୀୟ କାବ୍ୟ ପରମ୍ପରାକୁ ଅତିକ୍ରମ କରି ଓଡ଼ିଆ କାବ୍ୟ ରଚନା କ୍ଷେତ୍ରରେ ଆଧୁନିକତାର ସ୍ପର୍ଶ ଦେଇ କବିବର ରାଧାନାଥ ଏକ ବିପ୍ଳବର ସୂତ୍ରପାତ କରିଥିଲେ.

ରାଧନାଥଙ୍କର ରଚନା ମଧ୍ୟରେ ଚନ୍ଦ୍ରଭାଗା, ଚିଲିକା, ମହାଯାତ୍ରା, ଉଷା, ପାର୍ବତୀ, କବିତାବଳୀ, ଦରବାର, କେଦାର ଗୌରୀ, ନନ୍ଦିକେଶ୍ୱରୀ, ଯଯାତି କେଶରୀ ଏବଂ କାଳିଦାସଙ୍କ 'ମେଘଦୂତ' ର ଓଡ଼ିଆ ଅନୁବାଦ ଆଦି ଅନ୍ୟତମ। ୧୯୦୮ ମସିହାରେ ମାତ୍ର ୬୦ ବର୍ଷ ବୟସରେ କବିବର ରାଧାନାଥ ରାୟଙ୍କର ଦେହାନ୍ତ ହୋଇଥିଲା।

www.orissatimes.net